# ଆଲୋକର ପର୍ବ ଦୀପାବଳୀ

ରବି ଓ ଚନ୍ଦ୍ରଙ୍କ ଏକତ୍ର ଅବସ୍ଥାନକୁ ଅମାବସ୍ୟା କୁହାଯାଇଥାଏ । ଅମାବାସ୍ୟା ଦୁଇ ପ୍ରକାର ଅଟେ । ୧-ସିନିବାଲୀ  ଅମାବାସ୍ୟା ଏବଂ  ୨-କୁହୁ ଅମାବାସ୍ୟା  । ଯେଉଁ ଅମାବାସ୍ୟାରେ ଚନ୍ଦ୍ର ସାମାନ୍ୟ ଦେଖା ଯାଇଥାନ୍ତି ଅର୍ଥାତ୍ ପ୍ରତିପଦା ଯୁକ୍ତ ଅମାବାସ୍ୟାକୁ ସିନିବାଲୀ ଅମାବାସ୍ୟା କୁହାଯାଇଥାଏ । କିନ୍ତୁ ଆଦୌ ଦେଖା ଯାଆନ୍ତି  ନାହିଁ, ଅର୍ଥାତ୍ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟାକୁ କୁହୁ ଅମାବାସ୍ୟା କୁହାଯାଇଥାଏ । ଏହି ସ ମ୍ବନ୍ଧରେ ପଣ୍ଡିତ ସର୍ବସ୍ୱ ପ୍ରମାଣ ଦିଅନ୍ତି-

**" ସିନିବାଲୀ କୁହୁ ଭେଦା ଅମାବାସ୍ୟା ଦ୍ୱିଧା ଭବେତ୍**

**ସା ଦୃଷ୍ଟେନ୍ଦୁ  ସିନିବାଲୀ ସା ନଷ୍ଟେନ୍ଦୁ କଳା କୁହୁ** " ॥

ପୁନଶ୍ଚ ପ୍ରତିପଦା ଯୁକ୍ତ ଅମାବାସ୍ୟାରେ ସଂନ୍ଧ୍ୟା ସମୟରେ ଦୀପ ଦାନ ପୂର୍ବକ ପୂଜା କରିବା ବିଧେୟ । ନରକ ଭୟ ନିବୃ ନିମି ଦେବତା ମାନଙ୍କୁ ପୂଜା କରି ଦୀପ ଦାନ କରିବା ଦ୍ୱାରା ମହାପୁଣ୍ୟ ଲାଭ ହୋଇଥାଏ । ଏଥିରେ ଦୀପ ବୃକ୍ଷ,ଦୀପ ଚକ୍ର ଓ ଦୀପଦାନ କରାଯାଇଥାଏ ।

**" ନରକାୟ ପ୍ରଦାତବ୍ୟୋ ଦୀପଃ ସଂପୂଜ୍ୟ ଦେବତାଂ**

**ତତଃ ପ୍ରଦୋଷ ସମୟେ ଦୀପାନ୍ ଦଦ୍ୟାନ୍ମନୋରମାନ୍** " ॥

ପୁନଶ୍ଚ ଧବଳ ସଂଗ୍ରହ ଶାସ୍ତ୍ରାନୁଶାରେ-ର୍କ୍ତିକ ଅମାବାସ୍ୟାକୁ ସୁଖରାତ୍ରି କୁହାଯାଏ ।

ପ୍ରମାଣ-  **"ର୍କାକେ ମାସି ଶୁକ୍ଳାଦୌ ତିଥୌ ଚ କୁଙ୍କୁମାଶୁକୈଃ**

**ସୁଖାୟ ସୁଖରାତ୍ରିଃ ସ୍ୟାତ୍କାୟରାଷ୍ଟ୍ରସୁଖାୟବୈ** " ॥

JyotirVidya Visharad Prasanna Kumar Mahapatro
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

ସୁସ୍ଥ ଓ ସୁନ୍ଦର ନିରାମୟ ଶରୀର ନିମି ସୁଖ ରାତ୍ରିରେ ଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା କରାଯାଏ ।

ଯେହେତୁ କାର୍ତ୍ତିକ ଅମାବାସ୍ୟାରେ ମହାଲକ୍ଷ୍ମୀଙ୍କର ନିଦ୍ରାଭଙ୍ଗ ହୁଏ ।

**" ଅମାବାସ୍ୟାଂ ତୁଳାଦିତ୍ୟେ ଲକ୍ଷ୍ମୀର୍ନିଦ୍ରାଂ ବିମୁଚ୍ଚତି,**

**ସୁଖରାତ୍ରେ ରଷଃ କାଳେ ପ୍ରଦୀପୋଜ୍ଜ୍ୱଳିତାଳୟେ "** ।।

ଆଉ ମାତ୍ର ପନ୍ଦର ଦିନ ପରେ ମାର୍ଗଶୀରର ପ୍ରଥମ ଗୁରୁବାର ଠାରୁ ଆରମ୍ଭ କରି ଶେଷ ଗୁରୁବାର ପର୍ଯ୍ୟନ୍ତ ଦେବ ଭୂମି ଭାରତବର୍ଷ ତଥା ଓଡିଶା ପ୍ରଦେଶର ଓଡିଆଣୀଙ୍କ ଘର ମାନଙ୍କୁ ଯାଇ ଭକ୍ତିମତିଙ୍କ ଭକ୍ତିର ପୂଜାର୍ଘ୍ୟକୁ ଗ୍ରହଣ କରିବାକୁ ହେବ ।

ପ୍ରସଙ୍ଗକ୍ରମେ ଶାସ୍ତ୍ର କହନ୍ତି- ଏହି ସୁଖ ରାତ୍ରି ରୂପକ ପ୍ରଦୀପ ଅମାବାସ୍ୟାରେ ନିଜର ଆତ୍ମୀୟ ,ହିତୈଷୀ ବନ୍ଧୁବର୍ଗ ମାନଙ୍କୁ କୁଶଳବାର୍ତ୍ତା ପ୍ରଦାନ କରିବ । ପ ପତାକା ମଧ୍ୟରେ ପୁଷ୍ପ,ଚନ୍ଦନ,ଗୋରଚନା,ଦଧି ଓ ପ୍ରଦୀପ ଦାନ ମାଧ୍ୟମରେ ସକାଳ ସମୟରେ ଲକ୍ଷ୍ମୀଙ୍କ ବଡ ଭଉଣୀ ଅଲକ୍ଷ୍ମୀଙ୍କୁ ଏବଂ ସନ୍ଧ୍ୟା ସମୟରେ ମହାଲକ୍ଷ୍ମୀ ଙ୍କୁ ପୂଜାର୍ଚ୍ଚନା କରିବ ।

ପ୍ରମାଣ-

**" ସୁଶୁଭୈଃ କୁସୁମୈ ର୍ଗନ୍ଧୈ ଦଧି ଗୋରଚନାଫଳୈଃ**

**ବନ୍ଧୁନ୍ ବାନ୍ଧବ ବନ୍ଧୁଶ୍ଚ ପୃଚ୍ଛେତ୍ କୁଶଳୟା ଗିରା**

**ପୂଜୟେଚ୍ଚ ତଥା ଲକ୍ଷ୍ମୀମଲକ୍ଷ୍ମୀମଳନାଶିନୀଂ**

**ଲକ୍ଷ୍ମୀ ପପତାକାଭିର୍ଦ୍ଧଜମେକଂ ଗୃହେ ନ୍ୟସେତ୍ "** ।।

ଅନ୍ୟ ଏକ ପ୍ରମାଣ ପ୍ରକାରେ – ଏହି ପବିତ୍ର ପ୍ରଦୀପ ଅମାବାସ୍ୟାରେ କନ୍ୟା ମାସ ପ୍ରାରମ୍ଭରୁ ପ୍ରତ୍ୟେକ ବ୍ୟକ୍ତିମାନଙ୍କର ପିତୃ ପୁରୁଷଗଣ ପିତୃଲୋକକୁ ପରିତ୍ୟାଗ କରି ମହାଳୟା ଉଦ୍ଧେଶ୍ୟରେ ନିଜ ନିଜର ସନ୍ତାନ  ମାନଙ୍କ ନିକଟକୁ  ଆସି ଶ୍ରଦ୍ଧାର ସହ ଉତ୍ସର୍ଗୀକୃତ ଦ୍ରବ୍ୟ (ଶ୍ରାଦ୍ଧ) ରେ ଅନ୍ନବ୍ୟଞ୍ଜନାଦିର ସୁସ୍ୱାଦଯୁକ୍ତ ରସାଦିକୁ ଶ୍ରାଦ୍ଧ ବ୍ରାହ୍ମଣ ମାନଙ୍କ ଦେହ ମଧରେ ପ୍ରବେଶ କରି ଗ୍ରହଣ କରି ତୃପ୍ତିଲାଭ କରି ଥାଆନ୍ତି । ଏବଂ ନିଜ ଗ୍ରାମ କିମ୍ବା ଆତ୍ମୀୟ ସ୍ୱଜନଙ୍କ ସହ ସୁର୍ବାଳାପ ମାଧମରେ ମାତ୍ର ୩ ଘା ଅର୍ଥାତ୍ ମନୁଷ୍ୟ କାଳ ନିର୍ଣ୍ଣୟରେ  ୪୫ ଦିନ ଗୃହରେ,ବନ୍ଧୁମିଳନରେ କଟାଇ ଏହି କାର୍ତ୍ତିକ ଅମାବାସ୍ୟାର ପ୍ରଦୋଷ ଅର୍ଥାତ୍ ସାୟଂ କାଳରେ ନିଜ ସନ୍ତାନ ମାନଙ୍କୁ ଆଶୀର୍ବାଦ କରି ପିତୃଲୋକକୁ ପୁନଶ୍ଚ ଗମନ କରିଥାନ୍ତି । ଏହି ଅବସରରେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ ପରିପ୍ରେକ୍ଷୀରେ ବିଭିନ୍ନ ବାଦ୍ୟ,ମୁଖବାଦ୍ୟ(ହୁଳହୁଳି) ଆତସବାଜି ଓ ଆଲୋକ ର୍ବିକାର ଆଲୋକମାଳାରେ ପିତୃ ପରୁଷକୁ ମାର୍ଗଦର୍ଶନ କରାଇଥାନ୍ତି ।

ଏଣୁ ଯଥାର୍ଥରେ କୁହାଯାଇଛି-“ **ପିତୃଲୋକ ପରିତ୍ୟଜ୍ୟଂ ଆଗତାଯେ ମହାଳୟେ**

**ଉଜ୍ଜ୍ୱଳଂ ଜ୍ୟୋତିଷାଂ ମାର୍ଗଂ ପ୍ରପଶ୍ୟୋନ୍ତୋ ବ୍ରଜନ୍ତୁତେ** ”

ଏହା ବ୍ୟତୀତ ବିଭିନ୍ନ ପ୍ରକାରର କିମ୍ବଦନ୍ତୀ ଓ ପୁରାଣ ପ୍ରମାଣ ଦୀପାବଳୀ ଅମାବାସ୍ୟାର ସାର୍ଥକତାକୁ ବହନ କରିଛନ୍ତି ।

**JyotirVidya Visharad Prasanna Kumar Mahapatro**
M.A, B.Ed
Jyotishshree, Tatwasaraswati
Astrologer of DHARITRI
http://www.odishaastrology.com
Mail: info@odishaastrology.com
Contact: +91-9777801855

OdishaAstrology.com
Know your future...